# ୨୨ ବର୍ଷ ବିତିଲା, ଅଗ୍ରଗତି ନାହିଁ

■ନିର୍ମାଣ ହୋଇପାରୁନି ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ
■୨୦୧୦ରୁ ଧାରଣା ଦେଉଛି ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି
■ପୁଣି ହେବ ଜନସମାବେଶ, ଆନ୍ଦୋଳନକୁ ଜୋର୍‌ଦାର କରାଯିବ


ବାମୁର ପଞ୍ଚାୟତରେ ଥିବା ସୁରେଶ୍ୱରୀ ନାଳ।

**ବଇଣ୍ଡା, ୧୬।୩ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ପଞ୍ଚାୟତଠାରେ ଥିବା ସୁରେଶ୍ୱରୀ ନାଳ ଉପରେ ଜଳସେଚନ ପ୍ରକଳ୍ପ ନିର୍ମାଣ ହେବ ବୋଲି ୨୨ ବର୍ଷ ତଳେ ତତ୍କାଳୀନ ରାଜ୍ୟ ସରକାର ଚାଷୀଙ୍କୁ ଆଶା ଦେଖାଇଥିଲେ। ହେଲେ ଏହି ଦୀର୍ଘବର୍ଷ ଭିତରେ କେବଳ ସର୍ଭେ ଓ କିଛି କେନାଲ କାମ ବ୍ୟତୀତ ପ୍ରକଳ୍ପ ନିର୍ମାଣରେ କୌଣସି ଅଗ୍ରଗତି ଘଟିନାହିଁ। ଫଳରେ ୨୦୧୦ରୁ ଏଥିପାଇଁ ଆନ୍ଦୋଳନ କରିଆସୁଥିବା କିଶୋରନଗର ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ତୀବ୍ର ଅସନ୍ତୋଷ ବ୍ୟକ୍ତ କରାଯାଇଛି।

କିଶୋରନଗର ବ୍ଲକ କୃଷି ବହୁଳ ଅଞ୍ଚଳ ହୋଇଥିବାବେଳେ ବାମୁର ପଞ୍ଚାୟତର ପାହାଡ଼ରୁ ବୋହି ଆସିଥିବା ସୁରେଶ୍ୱରୀ ନାଳ ଉପରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ କରିବା ପାଇଁ ୨୦୦୪ ଫେବୃଆରୀ ୨୦ରେ କାନ୍ତ ଆମ୍ବତଇଲାଠାରେ ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁଭ ଦିଆଯାଇଥିଲା। ଏହାପରେ କିଶୋରନଗର ବ୍ଲକରେ ପ୍ରଥମ କରି ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ ଭଲ ଫସଲ ଉତ୍ପାଦନ କରିବେ ବୋଲି ଚାଷୀମାନେ ଆଶା ବାନ୍ଧିଥିଲେ। ହେଲେ ଦୀର୍ଘ ୨୨ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ ନିର୍ମାଣ ହୋଇପାରିନାହିଁ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ସେତେବେଳର ରାଜ୍ୟ ସରକାର ୧୭ ଜୁଲାଇ ୨୦୦୫ରେ ୬ କୋଟି ଟଙ୍କା ମଞ୍ଜୁର କରିଥିଲେ। ୨୦୦୯ ମସିହାରେ କିଶୋରନଗର ବରପଡ଼ିଆଠାରେ ନିର୍ବାଚନୀ ସଭାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରିଥିଲେ। ହେଲେ ପ୍ରକଳ୍ପର ଅଗ୍ରଗତି ହେଲାନାହିଁ। ଏହି ପ୍ରକଳ୍ପ ନିର୍ମାଣ ହେଲେ ବାମୁର, ଜଏରାଟ, ଓସ୍କାପାଲି, ଧଉରାପାଲି, କଦଳୀମୁଣ୍ଡା, ରଣିଆକଟା ପଞ୍ଚାୟତର ୩୪ଟି ଗ୍ରାମର ୧୦ ହଜାର ଏକର ଚାଷ ଜମିକୁ ପାଣି ମାଡ଼ିପାରିବ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ୨୦୧୦ ଏପ୍ରିଲ ୧୦ ଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି। ବହୁବାର ବ୍ଲକ, ତହସିଲ ଅଫିସ, ଉପଜିଲାପାଳଙ୍କ ଅଫିସ, ଜିଲାପାଳଙ୍କ କାର୍ଯ୍ୟାଳୟ ଓ ବିଧାନସଭା ନିକଟରେ ଆନ୍ଦୋଳନ କରାଯାଇଥିବାବେଳେ କୌଣସି ସୁଫଳ ମିଳିନାହିଁ। ଏପରି କି ୨୦୧୭ ସେପ୍ଟେମ୍ବର ୧୧ ଓ ୧୨ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ଧାରଣାବେଳେ ଶୀଘ୍ର ପ୍ରକଳ୍ପ ନିର୍ମାଣ ହେବ ବୋଲି ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ହେଁ କାମ ଆରମ୍ଭ ହୋଇ ନ ଥିଲା। ୨୦୧୯ ଅକ୍ଟୋବର ୨୧, ୨୨, ୨୩ରେ କିଶୋରନଗର ବ୍ଲକ ସମ୍ମୁଖରେ ଆନ୍ଦୋଳନ ପରେ ଜଳସମ୍ପଦ ବିଭାଗ ପକ୍ଷରୁ କିଛି କେନାଲ କାର୍ଯ୍ୟ କରାଯାଇଥିଲା। କିନ୍ତୁ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇ ନ ଥିଲା। ତେଣୁ ପୁନର୍ବାର ଜନସମାବେଶ କରାଯାଇ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### କେବଳ ପ୍ରତିଶ୍ରୁତି ମିଳୁଛି



"ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ଦିଗରେ ସରକାର ଆବଶ୍ୟକ ଦୃଷ୍ଟି ଦେଉନାହାନ୍ତି। ବହୁବାର କମିଟି ପକ୍ଷରୁ ଆନ୍ଦୋଳନ କରାଯାଇଛି। ପ୍ରଶାସନିକ ଅଧିକାରୀମାନେ କେବଳ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ତାହା ପାଳନ କରୁନାହାନ୍ତି।

–ରମଣିରଞ୍ଜନ ପ୍ରଧାନ, କମିଟି ସଦସ୍ୟ

### ସର୍ଭେରେ ଖର୍ଚ୍ଚ ହୋଇଛି ୨ କୋଟି



"ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ପାଇଁ ୨୦୧୦ ମସିହାଠାରୁ ଆନ୍ଦୋଳନ କରାଯାଉଛି। ପୂର୍ବ ସରକାର ମଞ୍ଜୁର କରିଥିବା ୬ କୋଟି ଟଙ୍କା ମଧ୍ୟରୁ କେବଳ ସର୍ଭେରେ ୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ପ୍ରକଳ୍ପ ନିର୍ମାଣ ଦିଗରେ କାର୍ଯ୍ୟ ଆଗେଇପାରୁ ନାହିଁ।

–ତୀର୍ଥବାସୀ ଭୋଇ, କମିଟି ସଦସ୍ୟ

### ଲୋକପ୍ରତିନିଧି, ପ୍ରଶାସନର ଆନ୍ତରିକତା ନାହିଁ



"ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ କିଶୋରନଗର ବ୍ଲକ ଚାଷୀଙ୍କ ଉନ୍ନତି ହେବ। ଭଲ ଫସଲ ଅମଳ ହେବ। ହେଲେ ସ୍ଥାନୀୟ ଲୋକପ୍ରତିନିଧି ଓ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ପ୍ରକଳ୍ପ ନିର୍ମାଣ ହେଉନାହିଁ।

–ସଞ୍ଜୀବ କୁମାର ପ୍ରଧାନ, ବାମୁର ସରପଞ୍ଚ

## ଜନଗଣନାର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ


ଜନଗଣନାର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧିକାରୀମାନେ।

**ଅନୁଗୋଳ, ୧୬।୩ (ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲାରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଓ ଗୃହ ତାଲିକାକରଣ ପାଇଁ କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ସ୍ଥାନୀୟ ବ୍ଲାକ୍ ଡାଇମଣ୍ଡ ସମ୍ମିଳନୀ କକ୍ଷଠାରେ ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲାପାଳ ତଥା ଜିଲା ମୁଖ୍ୟ ଜନଗଣନା ଅଧିକାରୀ ଅବଦଲ ମୁହମ୍ମଦ ଅଖତାରଙ୍କ ନିର୍ଦ୍ଦେଶ ଅନୁସାରେ ଚଳିତ ମାସ ୧୬, ୧୭ ଓ ୧୮ ତାରିଖ ୩ ଦିନ ଧରି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରଥମ ଦିବସରେ ଅତିରିକ୍ତ ଜିଲାପାଳ ତଥା ଜନଗଣନା ଅଧିକାରୀ ପ୍ରତାପ ପ୍ରୀତିମୟ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ପ୍ରଶିକ୍ଷକମାନଙ୍କୁ ଜନଗଣନାର ପ୍ରକୃତ ଉଦ୍ଦେଶ୍ୟ ଓ ମାର୍ଗଦର୍ଶିକା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଭାବେ ଛେଣ୍ଡିପଦା ତହସିଲଦାର ମାନସ ରଞ୍ଜନ ରାୟ ଓ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସଞ୍ଜୀବ ରାଉତ ଯୋଗଦେଇ ୪୪ ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଦୀପକ କୁମାର ତାଲିମ ପ୍ରଦାନରେ ସହାୟତା କରିଥିବାବେଳେ ଡେପୁଟି କଲେକ୍ଟର ତଥା ଜନଗଣନା ଅଧିକାରୀ ଜୟକୃଷ୍ଣ ପାତ୍ର ତାଲିମ ପରିଚାଳନା କରିଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଅତିଥିଙ୍କ ସହ ପ୍ରମାଣପତ୍ର ପାଇଥିବା ଛାତ୍ରୀମାନେ।

**ସନ୍ତ୍ରୀଛକ, ୧୬।୩ (ସନ୍ତୋଷ ପରିଡ଼ା)**

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲା ବଁଅରପାଳ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦ୍ଦେବ ସ୍ନାତକ ମହାବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମ ଚରଣ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ୨୮ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ ମୁଖ୍ୟ ଅତିଥି, ବଁଅରପାଳ ଥାନା ଅଧିକାରୀ ତଅପୋଇ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଗଡ଼ନାୟକ କେତେଜଣ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ ଦେଖି ଅର୍ଥରାଶି ପ୍ରଦାନ କରିଥିଲେ। ଅଧ୍ୟାପକ ମନୋଜ କୁମାର ବେହେରା ମଞ୍ଚ ସଂଯୋଜନା କରିଥିବାବେଳେ ଆତ୍ମରକ୍ଷା ସଂଯୋଜିକା ଅଧ୍ୟାପିକା କ୍ଷୀରୋଦିନୀ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପାର୍ଥବୀର ନାୟକଙ୍କ ସମେତ ପ୍ରଶିକ୍ଷକ ଲିଜା ଜେନା, ଛାତ୍ର ସୌରଭ ଏବଂ ପ୍ରଥମ ବର୍ଷର ଅଧିକାଂଶ ଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## କୃଷ୍ଣ ମେମୋରିଆଲ କ୍ରିକେଟ ଉଦ୍‌ଯାପିତ


ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

**କଣିହାଁ, ୧୬।୩ (ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଟୋଲକବେଡ଼ା ଗ୍ରାମରେ ଆୟୋଜିତ କୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହଟିଙ୍ଗି ଟିମ୍‌କୁ ହରାଇ କଂସମୁଣ୍ଡା ଟିମ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଦିବସରେ ଅତିଥିଭାବେ ପୂର୍ବତନ ସମିତିସଭ୍ୟ ଦେବେନ୍ଦ୍ର ବାରିକ, ଇଗଲଷ୍ଟାର କ୍ଲବ୍ ସଭାପତି ତପନ ନାଏକ, ସାମାଜିକକର୍ମୀ ଗୋପବନ୍ଧୁ ସାହୁ, ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଜୟାନନ୍ଦ ସାହୁ, ନରୋତ୍ତମ ନାଏକ, ସତ୍ୟମ ପ୍ରଧାନ ଓ ଅନୀଲ ନାଏକ ଖେଳ ପରିଚାଳନା କରିଥିଲେ। ଆୟୋଜକ କ୍ଲବ ପକ୍ଷରୁ ସତ୍ୟରାମ ପ୍ରଧାନ, କାହ୍ନା ସାହୁ, ସୁଶିଲ ନାଏକ, ଶୁଭ୍ରାଂଶୁ କବି, ବଳରାମ ସେଠୀ, ବିଶ୍ୱଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ

**ଅନୁଗୋଳ, ୧୬।୩ (ଦିବ୍ୟଶାନ୍ତନୁ ନାଥ)/ ବଇଣ୍ଡା (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଯୋଗଦେଇ ୪୯ଟି ଅଭିଯୋଗର ଶୁଣାଣି କରିବା ସହ ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ସମସ୍ୟା ସମାଧାନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଅଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ୫ଟି ଅଭିଯୋଗର ଫଇସଲା କରାଯିବା ସହ ୨ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ବାଗ, ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୋହା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, କିଶୋରନଗର ତହସିଲଦାର ବିକ୍ରମ ନାୟକ, କିଶୋରନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭକାନ୍ତ ନାଏକ, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୂପମା ପାଣି, ମୁଖ୍ୟ ଜିଲା କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନିଷ ଏକ୍କା, ଜିଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟ ନାରାୟଣ ସାହୁଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ଗୋଟିକିଆ ଦନ୍ତା ହାତୀକୁ ନେଇ ଆତଙ୍କ



**ବଁଅରପାଳ, ୧୬।୩ (ସୁବାସ ସାହୁ)**

ଅନୁଗୋଳ ଜିଲା ବଁଅରପାଳ ବ୍ଲକ କୁଲାଡ଼ ଗ୍ରାମରେ ଏକ ଗୋଟିକିଆ ଦନ୍ତା ହାତୀ ପ୍ରବେଶ କରିଥିବାରୁ ଏହାକୁ ନେଇ ଆତଙ୍କ ଖେଳିଯାଇଛି। ସୋମବାର ରାତିରେ ଦନ୍ତା ହାତୀଟି ଗ୍ରାମରେ ପଶି ଲୋକଙ୍କ ବାଡ଼ିରେ ଥିବା କଦଳୀ ଗଛ, ନଡ଼ିଆ ଗଛ ଓ ଆମ୍ବ ଗଛ ଗୁଡ଼ିକୁ ଭାଙ୍ଗି ଦଳି ଚକଟି ଦେଇଛି। ଲୋକଙ୍କୁ ଦେଖିଲେ ଆକ୍ରମଣ କରିବାକୁ ଗୋଡ଼ାଉଥିବା ଅଭିଯୋଗ ହେଉଛି। ବିଗତ ଦିନରେ ହାତୀ ପଲ ଗ୍ରାମରେ ପଶି ଫସଲ ନଷ୍ଟ କରିବା ଯୋଗୁ ଲୋକମାନେ ଚାଷ କାର୍ଯ୍ୟ ଛାଡି ଦେଲେଣି। ତୁରନ୍ତ ଏହି ଦନ୍ତା ହାତୀକୁ ଗ୍ରାମରୁ ଅନ୍ୟତ୍ର ତଡ଼ିଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ନାଲ୍‌କୋ ଜଗନ୍ନାଥ ମନ୍ଦିର ପକ୍ଷରୁ ସାମୂହିକ ବ୍ରତୋପନୟନ


ଗରିବ ବ୍ରାହ୍ମଣ ପିଲାଙ୍କ ସାମୂହିକ ବ୍ରତୋପନୟନ କରାଯାଉଛି।

**ବଁଅରପାଳ, ୧୬।୩ (ସୁବାସ ସାହୁ)**

ଅନୁଗୋଳ ଜିଲା ନାଲ୍‌କୋ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଚଳିତବର୍ଷ ସପ୍ତମ ଥର ପାଇଁ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ ମନ୍ଦିର କମିଟି ସଭାପତି ସଚ୍ଚିଦାନନ୍ଦ ଜେନାଙ୍କ ତତ୍ତ୍ୱାବଧାନରେ ଏଭଳି ସାମୂହିକ ବ୍ରତୋପନୟନ ଆୟୋଜନ କରାଯାଇଥିଲା। ଅନୁଗୋଳ ଓ ଢେଙ୍କାନାଳ ଜିଲାର କଙ୍କିଳି, ବାଲିପଟା, ଦୁଦୁରୁକୁଟ, କୁମୁସି, ମୁଣ୍ଡେଇଲୋ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୫ଜଣ ଗରିବ ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ କରାଯିବାର ବ୍ୟବସ୍ଥା କରାଯାଇଥିଲା। ସମସ୍ତ ଖର୍ଚ୍ଚ ନାଲ୍‌କୋ ମନ୍ଦିର ତରଫରୁ କରାଯାଇଥିଲା। ଛତିଆବଟରୁ ଆସିଥିବା ମୁଖ୍ୟ ପୁରୋହିତ ତାପସ ରଞ୍ଜନ ଶତପଥୀଙ୍କ ନେତୃତ୍ୱରେ ୫ଜଣ ପୁରୋହିତ ମଣ୍ଡଳି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ସଞ୍ଜୀବ କୁମାର ଦାସ, ପର୍ଶୁରାମ ସ୍ୱାଇଁ, ବନୋଜ ମହଲା, ରଞ୍ଜିତ କୁମାର ରଥ, ରାଧାମାଧବ ଦାଶ, ଆଦିତ୍ୟ ସାମଲ ପ୍ରମୁଖ ସହଯୋଗ କରିଥିଲେ। ମନ୍ଦିର କମିଟି ସମ୍ପାଦକ ଭବାନୀ ଶଙ୍କର ସାହୁ, କୋଷାଧ୍ୟକ୍ଷ ହିମାଂଶୁ ଶେଖର ପଣ୍ଡା, ଯୁଗ୍ମ ସମ୍ପାଦକ ହିମାଂଶୁ ଶେଖର ପ୍ରଧାନ, ଜିତେନ କୁମାର ପତି, ଉପ ସଭାପତି ସତ୍ୟବାଦୀ ମିଶ୍ର, ଭଣ୍ଡାର ପରିଚାଳକ ପର୍ଶୁରାମ ସ୍ୱାଇଁ, ଅଫିସ ପରିଚାଳକ ନିର୍ମଳ ବାରିକଙ୍କ ସମେତ ମନ୍ଦିର କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଦୁର୍ଗାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସନ୍ତ୍ରୀଛକ, ୧୬।୩ (ସନ୍ତୋଷ ପରିଡ଼ା)**



ଅନୁଗୋଳ ଜିଲା ବଁଅରପାଳ ବ୍ଲକ ତଳମୂଳ ଦୁର୍ଗା ମାଧବ ମନ୍ଦିର ପରିସରରେ ମା' ଦୁର୍ଗାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଅନୁଗୋଳ ଅଞ୍ଚଳର ଜଣେ ଭକ୍ତ ମା'ଙ୍କ ବିଗ୍ରହକୁ ୨୦୦୮ ମସିହାରୁ ଆଣି ଦୁର୍ଗା ମାଧବ ମନ୍ଦିର ପରିସରରେ ଥିବା ଅସ୍ଥାୟୀ ଘରେ ପୂଜା କରୁଥିଲେ। ଏଣୁ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ନୂତନ ମନ୍ଦିର ନିର୍ମାଣ ହେବାପରେ ସୋମବାର ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଥିଲା। ଏଥିପାଇଁ ପ୍ରତ୍ୟୁଷରୁ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ବିଭିନ୍ନ ପୂଜା ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ତଳମୂଳ ଗ୍ରାମର କିଶୋରୀ ପଟ୍ଟନାୟକ, ଶିରି ଦାସ ଏବଂ ଗ୍ରାମବାସୀ ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପୂଜକ ଭାବେ ଅକ୍ଷୟ ମହାପାତ୍ର, ଅଶୋକ ମହାପାତ୍ର, ସର୍ବେଶ୍ୱର ମହାପାତ୍ର, ସତ୍ୟରଞ୍ଜନ ମହାପାତ୍ର, ନାଣ୍ଟୁ ମହାପାତ୍ର, ପୀତାମ୍ବର ମହାପାତ୍ର, ନରେଶ ମହାପାତ୍ର ପୂଜାର୍ଚ୍ଚନା କରିଥିବାବେଳେ ରଞ୍ଜନ ଦ୍ୱିବେଦୀ, ଟୁଟୁ କର, ଅଜୟ କର, ବିରଞ୍ଚି ଦ୍ୱିବେଦୀ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ଗ୍ରାମ ସଭାପତି ରମା ନାଥଙ୍କ ପୁତ୍ରବଧୂ ଦାୟିତ୍ୱ ତୁଲାଇ ଥିଲେ।

## ଏପ୍ରିଲ ୧ରେ ହେବ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ



### ଓଡ଼ିଶା ଦିବସ ପାଇଁ ପ୍ରସ୍ତୁତି ବୈଠକ

**ତାଳଚେର, ୧୬।୩ (ମନୋଜ ନନ୍ଦ)**

ଆସନ୍ତା ଏପ୍ରିଲ ୧ ଓଡ଼ିଶା ଦିବସ ପାଳନ ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ତାଳଚେର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉପଜିଲାପାଳ ଡାନିଏଲ ଏକ୍କା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଓଡ଼ିଶା ଦିବସ ପାଳନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆସନ୍ତା ୧ ଏପ୍ରିଲରେ ତାଳଚେରରେ ଓଡ଼ିଶା ଦିବସ ଅବସରରେ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଶୋଭାଯାତ୍ରାରେ ତାଳଚେର ଉପଖଣ୍ଡର ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ବୋଲି ସ୍ଥିର ହୋଇଥିଲା। ପ୍ରତ୍ୟେକ ସ୍କୁଲରୁ ୩ ଜଣ କରି ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ସୂଚାରୁ ଓ ସରସ ଭାବେ ପାଳନ କରିବା ପାଇଁ ପୋଲିସ, ଅଗ୍ନିଶମ, ଚିକିତ୍ସା ଓ ଅନ୍ୟାନ୍ୟ ବିଭାଗକୁ ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ବିଭାଗ ଓ ଅନୁଷ୍ଠାନ ସହଯୋଗରେ ଓଡ଼ିଶା ଦିବସକୁ ଗୌରବମୟ ଭାବେ ପାଳନ କରିବାକୁ ସହକାରୀ ଉପଜିଲାପାଳ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ବୈଠକରେ ଡେପୁଟି କଲେକ୍ଟର ଧର୍ମେନ୍ଦ୍ର କୁମାର ଶତପଥୀ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଗଙ୍ଗାଧର ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳନ୍ଦୀ ସାହୁ, ରାକେଶ ସେଠୀଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ, ଗଣମାଧ୍ୟମ ପ୍ରତିନିଧି ଓ ସାମାଜିକ କର୍ମୀମାନେ ଯୋଗ ଦେଇଥିଲେ।

# ୭ ମାସ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

■ରାସ୍ତା ପାଇଁ ପାଇପ୍‌ଲାଇନ ହଟାଇଥିବା ଠିକାଦାର ଧରାଛୁଆଁ ଦେଉନାହାନ୍ତି
■ପାଇପ୍ ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି ବେଡ଼ାଶାସନ ଗ୍ରାମବାସୀ
■ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନେଉନାହାନ୍ତି ବିଭାଗୀୟ ଅଧିକାରୀ


ପାନୀୟ ଜଳ ସମସ୍ୟା ନେଇ ଗ୍ରାମର ମହିଳାମାନେ ଅଭିଯୋଗ କରୁଛନ୍ତି।

**ବନ୍ତଳା, ୧୬।୩ (ସୁଶିତ ସାହୁ)**

ରାସ୍ତା ନିର୍ମାଣ ପାଇଁ ଗାଁର ପାଣି ପାଇପ୍ ଲାଇନକୁ ହଟାଇଥିବା ଠିକାଦାର ତାଙ୍କ ପ୍ରତିଶ୍ରୁତି ପାଳନ କଲେନି। ଉଠାଇଥିବା ପାଇପ୍‌ଲାଇନକୁ ପୁନଃ ବିଛା ନ ଯିବାରୁ ଅନୁଗୋଳ ବ୍ଲକ ବେଡ଼ାଶାସନ ଗାଁରେ ୭ମାସ ହେବ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ବିଶୁଦ୍ଧ ପାନୀୟ ଜଳ ପାଇଁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁସାରେ, ବର୍ଷେ ହେବ ଅନୁଗୋଳ ଗ୍ରାମ୍ୟ ଉନ୍ନୟନ ବିଭାଜନ ଦ୍ୱାରା ବେଡ଼ାଶାସନ ପିଡବ୍ଲ୍ୟୁ ରାସ୍ତା ଠାରୁ ଚଟିଆଗଳି ଭାୟା ବେଡ଼ାଶାସନ ଦେଇ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏକ ରାସ୍ତା ନିର୍ମାଣ ହେଉଛି। ବେଡ଼ାଶାସନ ଗାଁ ଭିତର ରାସ୍ତା ଅଣଓସାରିଆ ଥିବାରୁ ଅଧିକ ଓସାର ଓ ଡ୍ରେନ୍ ନିର୍ମାଣ ପାଇଁ ଗାଁର ପାନୀୟଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପ୍ ଲାଇନକୁ ଉଠାଇବାକୁ ଗତ ୭ମାସ ତଳେ ରାସ୍ତା କାମ କରୁଥିବା ଠିକାଦାର ଗାଁରେ ଏକ ବୈଠକ କରିଥିଲେ। ପାଇପ୍ ଲାଇନ ଉଠାଇବା ସହ ୭ଦିନ ମଧ୍ୟରେ ସ୍ଥାନ ନିରୂପଣ ପରେ ପୁନର୍ବାର ବିଛାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପାଇପ୍ ଲାଇନ ଉଠାଯିବାର ୭ ମାସ ବିତି ଯାଇଥିଲେ ମଧ୍ୟ ଠିକାଦାର ଆଉ ଧରାଛୁଆଁ ଦେଉନାହାନ୍ତି। ଫଳରେ ସେବେଠାରୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ଗାଁର ଅଞ୍ଜଳି ବିଶ୍ୱାଳ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଗାଁର ପ୍ରାୟ ୨୫୦ରୁ ଅଧିକ ପରିବାର ମାତ୍ର ୫ଟି ନଳକୂଅ ଉପରେ ନିର୍ଭର କରି ଚଳୁଛନ୍ତି। ହେଲେ ସେଥିରୁ ଆବଶକ ପାନୀୟ ଜଳ ମିଳିପାରୁନି। ଫଳରେ ନାନା ଅସୁବିଧା ସୃଷ୍ଟି ହେଉଥିବା ଉପମା ବିଶ୍ୱାଳ, ସସ୍ମିତା ବିଶାଳ, ତାରା ବିଶ୍ୱାଳ, ପ୍ରେମଲତା ବିଶ୍ୱାଳ, ଅଙ୍କିତା ବିଶ୍ୱାଳ, ରଞ୍ଜିତା ବିଶ୍ୱାଳ, କଳାବତୀ ସାହୁ, ରୋଜନା ସାହୁ, ଲିଲି ସାହୁ, ସତ୍ୟଭାମା ବିଶ୍ୱାଳ, ଯମୁନା ବିଶ୍ୱାଳ, ଗୋଲାପ ବିଶ୍ୱାଳ, କିରଣ ବିଶ୍ୱାଳ, ସରୋଜିନୀ ବିଶ୍ୱାଳ ପ୍ରମୁଖ କହିଛନ୍ତି। ଆଗାମୀ ୭ଦିନ ଭିତରେ ଜଳଯୋଗାଣ ନ ହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ପାଇପ୍ ଲାଇନ୍ ଉଠାଇଥିବା ଠିକାଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ୍ ରିସିଭ କରି ନ ଥିବାରୁ ମତାମତ ମିଳିପାରି ନାହିଁ। ଗ୍ରାମବାସୀ ଏ ନେଇ ସରପଞ୍ଚ, ପାନୀୟ ଜଳ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ସେମାନେ ପଦକ୍ଷେପ ନେଉ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ସରପଞ୍ଚ ନିରୁପମା ସାହୁ କହିଛନ୍ତି, ତାଙ୍କୁ ନ ଜଣାଇ ଗ୍ରାମବାସୀ ଓ ଠିକାଦାର ସଲାସୁତରା ହୋଇ ପାନୀୟ ଜଳ ଯୋଗାଣ ପାଇପ୍ ଲାଇନ କାଢ଼ିଦେଲେ। ଜଳ ଯୋଗାଣ ଠିକ୍ ଭାବେ ଚାଲୁଥିଲା। ପାଇପ୍ ଲାଇନ ଯେମିତି ମନଇଚ୍ଛା କଢ଼ାଯାଇଛି, ସେମିତି ବିଛାଇବା କଥା। ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ନମିତା ବେହେରା କହିଛନ୍ତି, ସ୍ଥାୟୀ ପାଇପ ଲାଇନ୍ ବିଛାଇବା ପାଇଁ ବ୍ୟୟବରାଦ ସହ ଏଷ୍ଟିମେଟ ହୋଇସାରିଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବା ସହ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣ କରାଯିବ।

# ହୋମ୍‌ଗାର୍ଡଙ୍କ ମାଡ଼ରେ ୯ମ ଛାତ୍ର ଗୁରୁତର

**ଢେଙ୍କାନାଳ, ୧୬।୩(ରତନ ନାୟାର)**



ଗ୍ରାମବାସୀମାନେ ଏସ୍‌ପି କାର୍ଯ୍ୟାଳୟ ଘେରାଉ କରିଛନ୍ତି।


ଆହତ ୯ମ ଶ୍ରେଣୀ ଛାତ୍ର ଅନିମେଶ

ଢେଙ୍କାନାଳ ଜିଲା ସଦର ଥାନା ଝାରଗାଡ଼ିଆ ଫାଣ୍ଡି ବଉଳପୁର ଗ୍ରାମରେ ଶନିବାର ଜଣେ ପୋଲିସ ହୋମ୍‌ଗାର୍ଡଙ୍କ ମାଡ଼ରେ ଶ୍ରୀଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଛାତ୍ର ଅନିମେଶ ମଲ୍ଲିକ(୧୪) ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଏଥିସହିତ ହୋମଗାର୍ଡଙ୍କ ମାଡ଼ରେ ଅନ୍ୟ ୨ ଜଣ ୯ମ ଶ୍ରେଣୀ ଛାତ୍ର ମଧ୍ୟ ଆହତ ହୋଇଛନ୍ତି । ଆହତ ଛାତ୍ରମାନେ ହେଲେ ବିଘ୍ନ ମଲ୍ଲିକ(୧୪) ଓ କୁପେନ୍ଦ୍ର ମଲ୍ଲିକ(୧୪) । ଆହତ ଦୁଇଛାତ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଘରକୁ ଫେରିଛନ୍ତି । ଏହି ଘଟଣାର ପ୍ରତିବାଦରେ ଅଞ୍ଚଳବାସୀ ସୋମବାର ଢେଙ୍କାନାଳଠାରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ ।

ଅଭିଯୋଗରୁ ଜଣାପଡିଛି, ଶନିବାର ଗ୍ରାମର ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ପୁଅ ଅନିମେଶ ପରୀକ୍ଷା ସରିବା ପରେ ମାଧାହ୍ନଭୋଜନ ପୂର୍ବରୁ ଫାଟକ ବାହାରେ ଥିବା ଦୋକାନକୁ ବିସ୍କୁଟ କିଣିବାକୁ ଯାଇଥିଲେ । ସେହି ସମୟରେ ବିଦ୍ୟାଳୟ ପାଚେରିକୁ ଲାଗି ଘର କରିଥିବା ହୋମ୍‌ଗାର୍ଡ ମାନସ ବେହେରା (୨୬) ଫାଟକ ପାଖକୁ ଆସି ହଠାତ୍ ଏକ ଲୁହାଛଡ଼ ଓ ଶାବଳ ଧରି ଅନିମେଶଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ । ଏପରିକି ଜୀବନରେ ମାରିଦେବା ପାଇଁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଅନିମେଶଙ୍କ ବାମହାତ ଭାଙ୍ଗି ଯାଇଥିବା ବେଳେ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ସେହିପରି ପିଠି ଓ ଗୋଡ଼ରେ ଗଭୀର କ୍ଷତ ହୋଇଥିଲା। ଅନିମେଶ ଜୀବନ ବଞ୍ଚାଇବା ପାଇଁ ପାଟି କରିବାରୁ ଅନ୍ୟ ଦୁଇ ଛାତ୍ର ବିଘ୍ନ ମଲ୍ଲିକ ଓ କୁପେନ୍ଦ୍ର ମଲ୍ଲିକ ତାଙ୍କୁ ଉଦ୍ଧାର କରିବାକୁ ଯାଇ ହୋମଗାର୍ଡଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣା ସିସିଟିଭିରେ ରେକର୍ଡ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନିମେଶଙ୍କ ମା' ବବିତା ମଲ୍ଲିକ ରବିବାର ଅଭିଯୋଗ କରିବା ପରେ ସଦର ଥାନାରେ କେସ୍ ନଂ. ୨୨୪/୨୬ରେ ଏକ ମାମଲା ରୁଜୁ କରାଯାଇଛି । ଏଥିପୂର୍ବରୁ ହୋମଗାର୍ଡ ଜଣଙ୍କ ତାଙ୍କୁ ମଧ୍ୟ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ କରିଥିବାରୁ କେସ୍ ନଂ. ୨୨୩/୨୬ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି। ଛାତ୍ରଙ୍କୁ ଆକ୍ରମଣ ପ୍ରତିବାଦରେ ଉତ୍ତ୍ୟକ୍ତ ଅଞ୍ଚଳବାସୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ଡିଏସ୍‌ପି ନଳିତା ମୋଦି ଅଞ୍ଚଳବାସୀଙ୍କୁ ବୁଝାଶୁଝା କରିଥିଲେ। ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ କହିଛନ୍ତି, ଏହି ଘଟଣାରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉଭୟଙ୍କ ପକ୍ଷରୁ ମଧ୍ୟ ଅଭିଯୋଗ ହୋଇ ମାମଲା ରୁଜୁ କରାଯାଇଛି । ଘଟଣାର ତଦନ୍ତ ଜାରି ରହିଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ୨ ଆହତ, ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ

# ଟାଟା ଷ୍ଟିଲ୍ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ



**ଓଡ଼ାପଡ଼ା, ୧୬।୩ (ରଞ୍ଜିତ ନାୟକ)**

ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳି କାରଖାନା ଶ୍ରମିକ ସଂଘ ପକ୍ଷରୁ ଗତ ୧୫ ତାରିଖ ଦିନ ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସଂଘର ଅଧ୍ୟକ୍ଷ ବିକ୍ରମ ସିଂହ ସୁଭ୍ରାଂଶୁ ଶେଖର ସାମଲ, ଉପାଧ୍ୟକ୍ଷ ରାଜୀବ ରଞ୍ଜନ ଓ ଅରବିନ୍ଦ ମହାନ୍ତି, ସମ୍ପାଦକ ଦେବାଶିଷ ପ୍ରଧାନ, କୋଷାଧ୍ୟକ୍ଷ ଦିବ୍ୟରଞ୍ଜନ ରାଉତ ଓ ନୀହାର ରଞ୍ଜନ ରାଉତ, ଚନ୍ଦ୍ରମଣି ସାମଲ, ସରୋଜ କୁମାର ଲେଙ୍କା, ଲଳିତ ମୋହନ ବେହେରା ଯୋଗଦେଇ କହିଥିଲେ କି, ସଂଘର ସଦସ୍ୟମାନଙ୍କ ସ୍ୱାର୍ଥରକ୍ଷା କରିବା, ସଦସ୍ୟମାନଙ୍କ ସମସ୍ୟା ସମାଧାନ କରିବା ଆମର ପ୍ରଥମ କର୍ତ୍ତବ୍ୟ। ଆପଣମାନେ ଏକଜୁଟ ହୋଇ ରହିଲେ ସଂଘ ମଜଭୁତ ହୋଇ ରହିବ। ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସୌମ୍ୟରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରିତମ ନାଥ, ବବୁଲ, ସତ୍ୟ, ରାଜେଶ, ସତ୍ୟକାମ, ତାପସ, ଶଶାଙ୍କ ଓ ସୋମ୍ୟ ସହଯୋଗ କରିଥିଲେ।

# ଖୁଜାରୀଙ୍କୁ ମିଳିଲା ଉଜ୍ଜ୍ୱଳା ଗ୍ୟାସ

**ଧରିତ୍ରୀର ପ୍ରଭାବ**



**ପରଜଙ୍ଗ, ୧୬।୩ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଣ୍ଢେଇଖୋଲ ଗ୍ରାମର ରାଶନକାର୍ଡଧାରୀ ଖୁଜାରୀ କାଣ୍ଡି (୬୨) ୮ବର୍ଷ ହେବ ଉଜ୍ଜ୍ୱଳା ଯୋଜନାରେ ଠକେଇର ଶିକାର ହୋଇଥିବାରୁ ତାଙ୍କୁ ଗ୍ୟାସ୍ ମିଳି ନ ଥିଲା। ଏ ନେଇ ସୋମବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଖୁଜୁରୀ କାଣ୍ଡିଙ୍କୁ ଗ୍ୟାସ୍ ମିଳିଛି। ସୂଚନାଯୋଗ୍ୟ, ୨୦୧୮ରେ ଉଜ୍ଜ୍ୱଳା ଯୋଜନାରେ ସରାଙ୍ଗସ୍ଥିତ ଅଗ୍ନି ଭାରତ ଗ୍ୟାସ ଗ୍ରାମୀଣ ବିତରକଙ୍କ ନିକଟରେ ଖୁଜାରୀ ଆବେଦନ କରିଥିଲେ। ତାଙ୍କର ଉକ୍ତ ଯୋଜନାରେ ଗ୍ୟାସ୍ ସଂଯୋଗ ହୋଇଥିଲେ ବି ବିତରକ ସଂସ୍ଥାର ମାଲିକ ମୃତ୍ୟୁଞ୍ଜୟ ନାଥ ଖୁଜାରୀଙ୍କୁ ଉଜ୍ଜ୍ୱଳା ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା କହିଆସୁଥିଲେ। ସେହିଦିନଠାରୁ ତାଙ୍କର ଗ୍ୟାସ୍ ସିଲିଣ୍ଡରକୁ ହଡ଼ପ କରି ଅନ୍ୟତ୍ର ବିକ୍ରି କରିଦେଉଥିଲେ। ଏହାକୁ ନେଇ ଖବର ପ୍ରକାଶ ପରେ ଗ୍ୟାସ ବିତରକ ସଂସ୍ଥା ପକ୍ଷରୁ ଉକ୍ତ ମହିଳା ହିତାଧିକାରୀଙ୍କୁ ଡକାଇ ଗ୍ୟାସ ଟାଙ୍କି ଏବଂ ଚୁଲା ସହ ବହି ପ୍ରଦାନ କରିଛନ୍ତି।

# ଖାଉଟି ଅଧିକାର ସଚେତନତା କର୍ମଶାଳା



ଜିଲାସ୍ତରୀୟ ଖାଉଟି ଅଧିକାର ସଚେତନତା କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଢେଙ୍କାନାଳ, ୧୬।୩(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକ କାକୁଡିଭାଗ ସ୍ୱପ୍ନେଶ୍ୱର ବିଦ୍ୟାପୀଠଠାରେ ଜିଲାସ୍ତରୀୟ ଖାଉଟି ଅଧିକାର ସଚେତନତା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଉଟିମାନଙ୍କର ଅଧିକାର ଓ ନିରାପତ୍ତା, ଗୁଣବତ୍ତା ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ବୈଧ ଓଜନ ମାପର ମୁଖ୍ୟ ରଞ୍ଜନ କୁମାର ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖାଉଟିମାନଙ୍କର ଅଧିକାର, ସାମଗ୍ରୀର ଗୁଣବତ୍ତା, ସୁନା କିଣିବା ବେଳେ ସତର୍କତା ଆଦି ଉପରେ ଆଲୋକପାତ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅବନୀ ମିଶ୍ର, ସହକାରୀ ଯୋଗାଣ ଅଧିକାରୀ ଚନ୍ଦନ ସାହୁ, ବିଶ୍ୱଜିତ୍ ପଣ୍ଡା, ଜିଲା ସ୍ୱେଚ୍ଛାସେବୀ ସମନ୍ୱୟ ସଂଯୋଜକ ଆମ୍ରୁଜା ପୁହାଣ, ବରିଷ୍ଠ ଓକିଲ ସୁବୋଧ ମହାନ୍ତି, ପଙ୍କଜ ଲୋଚନ ପଣ୍ଡା, ବିଦ୍ୟାପୀଠର ସହକାରୀ ଶିକ୍ଷକ ଯଶୋବନ୍ତ ରାଉତ ଓ ରୂପାର ସମ୍ପାଦକ ଶ୍ରୀନିବାସ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସୁକାନ୍ତି ଖୁଣ୍ଟିଆ ସ୍ୱାଗତ ଭାଷଣ ଓ ଧନ୍ୟବାଦ୍ ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଛାତ୍ରୀଛାତ୍ର ଯୋଗଦେଇଥଲେ।

# ଜିଲାପାଳଙ୍କ ଜନଶୁଣାଣି ଶିବିର

**ଓଡ଼ାପଡ଼ା, ୧୬।୩ (ରଞ୍ଜିତ ନାୟକ)**

ଓଡ଼ାପଡ଼ା ବ୍ଲକ ରାଜୀବଗାନ୍ଧୀ ସେବା ଗୃହଠାରେ ଢେଙ୍କାନାଳ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଉପଜିଲାପାଳ ବିଭୁଧ ଗଡ଼ନାୟକ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ, ତହସିଲଦାର ମନୋଜ କୁମାର ମାଝୀଙ୍କ ସହିତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କଠାରୁ ଅଭିଯୋଗ ଶୁଣିଥିଲେ। ସମସ୍ତ ଅଭିଯୋଗର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ୫୪ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୩ଟି, ରେଡକ୍ରସ ସହାୟତା ପାଇଁ ଗୋଟିଏ ଅଭିଯୋଗ ଆସିଥିଲା। ଏହି ୪ଜଣଙ୍କୁ ୭୨ ହଜାର ଟଙ୍କା ସହାୟତା ରାଶି ଯୋଗାଇଦେବାକୁ ସୁପାରିଶ କରାଯାଇଥିବା ଜଣାପଡିଛି।

# ସୁଲକ୍ଷଣା ଦେବୀ ହାଇସ୍କୁଲର ବାର୍ଷିକ ଉତ୍ସବ




**ଢେଙ୍କାନାଳ, ୧୬।୩(ରତନ ନାୟାର)**

ଢେଙ୍କାନାଳ ପିଏମ୍‌ଶ୍ରୀ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ 'ମୂର୍ଚ୍ଛନା' ସୋମବାର ପାଳିତ ହୋଇଯାଇଛି। ଉତ୍ସବରେ ମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟବାନ ପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କାଉନସିଲର ଲକ୍ଷ୍ମୀପ୍ରିୟା ଦଳାଇ, ସଂଗଠକ ରଞ୍ଜନ କୁମାର ସାହୁ, ଶିକ୍ଷବିତ ପ୍ରଫୁଲ କୁମାର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ଛାତ୍ର ସଂସଦ ସଭାପତି କୁସିଦା ବେଗମ ଏବଂ ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକାଶ ପୁହାଣ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଦୁଷ୍ମନ୍ତ କୁମାର ସାହୁ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଲିପିକା ନାୟକ ବେଦମନ୍ତ୍ର ପାଠ କରିଥିଲେ । ଶିକ୍ଷୟିତ୍ରୀ ଶର୍ମିଷ୍ଠା ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ କନ୍ୟାକୁମାରୀ ଭୂତିଆ ବାର୍ଷିକ ବିବରଣୀ ପାଠ କରିଥିଲେ । କ୍ରୀଡା ଶିକ୍ଷୟିତ୍ରୀ ଜୟନ୍ତୀ ବେହେରାଙ୍କ ନେତୃତ୍ୱରେ ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ରାନୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଁଦିଆ ଏନ୍‌ଏସି ନିର୍ବାଚନ ପାଇଁ ଅଣ୍ଟା ଭିଡୁଛି କଂଗ୍ରେସ



**ଗଁଦିଆ, ୧୬।୩(ବିଶ୍ୱ ମୋହନ ସାହୁ)**

ଢେଙ୍କାନାଳ ଜିଲା ଗଁଦିଆକୁ ରାଜ୍ୟ ସରକାର ଏନ୍‌ଏସି ମାନ୍ୟତା ଦେବା ପରେ ସୋମବାର ଗଁଦିଆ ବ୍ଲକ କଂଗ୍ରେସ ପକ୍ଷରୁ କାର୍ଯ୍ୟାଳୟ ପରିସରରେ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ଗଁଦିଆ ବ୍ଲକ ସଭାପତି ବନମାଳୀ ଦାସଙ୍କ ଆହ୍ୱାନ କ୍ରମେ ବହୁ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଏନ୍‌ଏସି ନିର୍ବାଚନରେ କିଭଳି ରଣକୌଶଳ ଆପଣାଯାଇପାରିବ ଆଲୋଚନା ହୋଇଥିଲା। ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ସମସ୍ୟା ଆମର ମୂଳ ଲକ୍ଷ୍ୟ। ଏହାକୁ ଘର ଘର ବୁଲି ଲୋକଙ୍କୁ ସଚେତନ କରିବୁ। ଗଁଦିଆ ଏନ୍‌ଏସିକୁ କଂଗ୍ରେସ ଦଳ ଦଖଲ କରିବ ବୋଲି ଜିଲା ସଭାପତି ଓ ବ୍ଲକ ସଭାପତି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ୪ର୍ଥ ପ୍ରଦର୍ଶନରେ ଗ୍ରାମବାସୀଙ୍କ ମନ ମୋହିଲା

## ଦେଓପଡ଼ାରେ 'ଢୋଲିଆ'

**ଢେଙ୍କାନାଳ, ୧୬।୩(ରତନ ନାୟାର)**


ନାଟକ ଢୋଲିଆର ଦୃଶ୍ୟ।

ଢେଙ୍କାନାଳର ପ୍ରମୁଖ ନାଟ୍ୟ ଅନୁଷ୍ଠାନ ଅଲଟରନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ରବିବାର 'ପ୍ରକୃତି ସହିତ ନାଟକ' କାର୍ଯ୍ୟକ୍ରମରେ 'ଢୋଲିଆ' ନାଟକର ଚତୁର୍ଥ ପ୍ରଦର୍ଶନ ସଦର ବ୍ଲକ୍ ଦେଓପଡ଼ା ଗ୍ରାମରେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ବଗିଚାରେ ପ୍ରଦର୍ଶିତ ହୋଇଥିଲା। ପ୍ରକୃତି ଆଡ଼କୁ ପାଦ ବଢେଇବା ପାଇଁ ନାଟକ 'ଢୋଲିଆ' ଆହ୍ୱାନ ଦେଇଥିଲା । ମଣିଷପଣିଆର ଆହ୍ୱାନରେ ଏବଂ ଜାତିବାଦର ଭେଦଭାବ ଓ ଯାତନା ବିରୋଧରେ ଢୋଲିଆର ଢୋଲ ବାଜୁଥିଲା। ବସ୍ତୁବାଦୀ ଦୁନିଆରେ ଥିବା ଲୋକମାନଙ୍କୁ ସଚେତମିତି ମଣିଷପଣିଆର କଥା କହୁଥିଲା ଢୋଲିଆ। ବହୁ ପ୍ରାଚୀନ କାଳରୁ ଲୋକକଳା, ଲୋକ ସଂସ୍କୃତି ଓ ଲୋକ ପରମ୍ପରାର ଢୋଲକୁ କାନ୍ଧରେ ବୋହି ପିଢି ପରେ ପିଢି ପାଖରେ ପହଞ୍ଚାଉଥିବା ଢୋଲିଆକୁ ସାରାଜୀବନ ନିନ୍ଦା, ଘୃଣା ଓ ଭେଦଭାବକୁ ମୁଣ୍ଡରେ ବୋହିବାକୁ ପଡିଥାଏ। ତାକୁ କେବେ ମିଳିଛି ସମ୍ମାନ ନା ତା'ର କଳା ଏବଂ ଜୀବନ ଜୀବିକାର ପ୍ରଶଂସା ଗାନ କେହି କରିଛି । ଜାତିଭେଦ, ଉଚ୍ଚନୀଚ, ଛୁଆଁଅଛୁଆର ଆକ୍ରୋଶର ଫଳସ୍ୱରୂପ ଜଳି ପାଉଁଶ ହୋଇଯାଇଛି ଢୋଲିଆର ଘର ସଂସାର । ଶେଷରେ ଢୋଲିଆ ସମଗ୍ର ମଣିଷ ଜାତିକୁ ଅଭିଶାପ ଦେଉଛି ଯେ, ସଂସାରରୁ ଜାତିଧର୍ମର ଭେଦଭାବ ଦୂର ନ ହୁଏ, ତାହେଲେ ତା'ର ଘର ସଂସାର ପରି ସମଗ୍ର ସଂସାର ଦିନେ ଜଳିପୋଡି ନଷ୍ଟ ହୋଇଯିବ । ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ଦିନେଶ ଦାସ ନାଟକର ପରିକଳ୍ପନା, ରଚନା କରିବା ସହ ଏହାକୁ ନିର୍ଦ୍ଦେଶନା ଦେବା ସହ ଏକମାତ୍ର ଅଭିନେତା ଭାବେ ନାଟକରେ ଅଭିନୟ କରିଥିଲେ । ସଙ୍ଗୀତ ପରିଚାଳନା କରିଥିଲେ ମଣ୍ଟୁ । ପ୍ରମୋଦ, ବିଜ୍ଞାନ, ମାଧବ ଓ ସୌମିତ୍ରୀ ସହଯୋଗ କରିଥିଲେ ।

# କୁକୁର ପାଇଁ ବାଇକ୍ ଦୁର୍ଘଟଣା, ୨ ଗୁରୁତର

**ଗଁଦିଆ, ୧୬।୩(ବିଶ୍ୱ ମୋହନ ସାହୁ)**

ଢେଙ୍କାନାଳ-ଭୁବନ ମୁଖ୍ୟରାସ୍ତା ଗଁଦିଆ ଅଗ୍ନିଶମ କେନ୍ଦ୍ର ନିକଟ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟି ୨ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଯାଜପୁର ଅଞ୍ଚଳର ସଙ୍ଗୀତା ମଲ୍ଲିକ (୨୨) ଓ ସହଦେବ ବେହେରା (୪୦)। ଉଭୟେ ଯାଜପୁରରୁ କୌଣସି କାମରେ ଢେଙ୍କାନାଳ ଅଭିମୁଖେ ବାଇକ୍‌ରେ ଯାଉଥିଲେ। ହଠାତ୍ ଏକ କୁକୁର ରାସ୍ତା ମଝିକୁ ପଶି ଆସିବାରୁ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା। ଗଁଦିଆ ଅଗ୍ନିଶମ ବାହିନୀ ଉଭୟଙ୍କୁ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଛଡ଼ା ଯାଇଥିଲା ।

# ମଠତେନ୍ତୁଳିଆରେ ଏକତ୍ରିଂଶତମ ଚାରଣ ମହୋତ୍ସବ

**ଗଁଦିଆ, ୧୬।୩ (ବିଶ୍ୱ ମୋହନ ସାହୁ)**


ଚାରଣ ମହୋତ୍ସବ ଉପଲକ୍ଷେ କଳସ ଯାତ୍ରା।

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମଠତେନ୍ତୁଳିଆ ଗ୍ରାମରେ ଏକତ୍ରିଂଶତମ ଚାରଣ ମହୋତ୍ସବ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ମାର୍ଚ୍ଚ ୧୩ରୁ ୧୫ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଭକ୍ତମାନଙ୍କ ମନରେ ଗଭୀର ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିଥିଲା। ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀର ଉପଦଳପତି ପଞ୍ଚାନନ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ଅଙ୍କୁରାରୋପଣ ମାଧ୍ୟମରେ ମହୋତ୍ସବର ଶୁଭାରମ୍ଭ ହୋଇଥିଲା। ଦ୍ୱିତୀୟ ଦିନ ଭବ୍ୟ ୧୦୮ କଳସ ଯାତ୍ରା ସହ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କାର୍ଯ୍ୟକ୍ରମରେ ବିଷ୍ଣୁ ସହସ୍ରନାମ ପାଠ, ଗୀତା ପୁରୁଷୋତ୍ତମ ଯୋଗ, ହନୁମାନ ଚାଳିଶା ଓ ସମୂହ ସପୁଟ ପାଠ କରାଯାଇଥିଲା। ସାନ୍ଧ୍ୟକାଳୀନ ପ୍ରବଚନ କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଓ ଚାରଣ ଅରୁଣ ପୁହାଣ ପ୍ରବଚନ ପ୍ରଦାନ କରିଥିଲେ। ଢେଙ୍କାନାଳ ଜିଲାର ବଣସିଂହ, ଯୋରନ୍ଦା, ସନ୍ଥପୁର, ବାଲିଯୋରନ୍ଦା, ଷଡ଼ଙ୍ଗୀ, ମୁଗୁପଦା, ଆଙ୍କୁର୍ଦ୍ଧା, ଅରାଡୁଆ, ଜୁଆଳିବନ୍ଧ, ଗଁଦିଆ, କଙ୍କଡ଼ାହାଡ଼, ନୀଳକଣ୍ଠପୁର ଓ ଗିରିଧାରୀ ଆଶ୍ରମ ଆଦି ଚାରଣ ଶାଖାର ଅନେକ ଭକ୍ତ ଯୋଗଦେଇଥିଲେ।

# ଛତୁଆ, ଅଣ୍ଡା ବଣ୍ଟନରେ ଅନିୟମିତତା

**ପରଜଙ୍ଗ, ୧୬।୩ (ନିଗମାନନ୍ଦ ଦଳବେହେରା)**



ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ୩ ନମ୍ବର ଅଙ୍ଗନୱାଡି କେନ୍ଦ୍ରରେ ହିତାଧିକାରୀଙ୍କୁ ଛତୁଆ ଏବଂ ଅଣ୍ଡା ପ୍ରଦାନରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ମୃଣାଳିନୀ ଦଳବେହେରା ୩ ନଂ ଅଙ୍ଗନୱାଡି କେନ୍ଦ୍ରରୁ କିଶୋରୀ ବାଳିକା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ହିତାଧିକାରୀ ଭାବେ ସରକାରଙ୍କ ଯୋଜନା ମୁତାବକ ସାମଗ୍ରୀ ପାଇଆସୁଥିଲେ। ଗତ ବର୍ଷ ନଭେମ୍ବର, ଡିସେମ୍ବର ଏବଂ ଚଳିତ ବର୍ଷ ଜାନୁଆରୀ ମାସର ଛତୁଆ ଓ ଲଡ୍ଡୁ ଏକକାଳୀନ ଫେବୃଆରୀରେ ଅଙ୍ଗନୱାଡି କର୍ମୀ ପ୍ରଦାନ କରିଥିବାବେଳେ ଅଣ୍ଡା ପ୍ରଦାନ କରି ନ ଥିଲେ। ଫେବୃୟାରୀ ବାବଦକୁ ମାର୍ଚ୍ଚରେ ଗୋଟିଏ ପ୍ୟାକେଟ ଛତୁଆ, ଗୋଟିଏ ପ୍ୟାକେଟ ବାଦାମ ଲଡ୍ଡୁ ସହିତ ୩୦ଟି ଅଣ୍ଡା ପ୍ରଦାନ କରାଯାଇଥିଲା, ଯାହାକି ୪ ମାସର ସରକାରୀ ନିୟମ ମୁତାବକ ୬୪ଟି ଅଣ୍ଡା ପାଇବାକୁ ନିୟମ ରହିଛି। କିନ୍ତୁ ଅଙ୍ଗନୱାଡି କର୍ମୀ ଝୁନୁରାଣୀ ସେଠୀଙ୍କୁ ଏ ସମ୍ପର୍କରେ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। କିନ୍ତୁ ଝୁନୁରାଣୀ ହିତାଧିକାରୀମାନଙ୍କୁ ୩ ମାସର ଛତୁଆ ସାମଗ୍ରୀ ଏକକାଳୀନ ଦେଇ କାଗଜ ପତ୍ରରେ ପ୍ରତ୍ୟେକ ମାସରେ ଦିଆଯାଉଥିବା ଦର୍ଶାଇ ଦସ୍ତଖତ ନେଉଛନ୍ତି। ସେହିପରି ନିୟମ ଅନୁଯାୟୀ ଅଣ୍ଡା ଦିଆଯାଉଥିବା କାଗଜପତ୍ରରେ ଦର୍ଶାଇ ବାଟମାରଣା କରୁଥିବା ଅଭିଯୋଗ ହୋଇଛି। ସେହିପରି ୭ ମାସରୁ ୩ ବର୍ଷର ଶିଶୁ ଓ ପ୍ରସୂତି ମହିଳାମାନଙ୍କୁ ପ୍ରତେକ ମାସରେ ୧୨ଟି ଅଣ୍ଡା ଦେବାର ନିୟମ ଥିବା ବେଳେ ୧୦ଟି ଲେଖାଏ ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। ଖାଲି ସେତକି ନୁହେଁ, କେନ୍ଦ୍ରରେ ସୋମବାର ଭାତ, ଡାଲି ଦେବା ସହ ଅନ୍ୟ ୫ ଦିନ ଅଣ୍ଡା ଭାତ ଦେବାର ନିୟମ ଥିବାବେଳେ କର୍ମୀଜଣଙ୍କ ଶିଶୁମାନଙ୍କୁ ୫ ଦିନ ବଦଳରେ ଦୁଇଦିନ ଅଣ୍ଡା ଭାତ ଦେଉଥିବା ଜଣାପଡ଼ିଛି। ଏ ନେଇ ମୃଣାଳିନୀ ସୋମବାର ପରଜଙ୍ଗ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ନକଲ ଜିଲାପାଳ, ଜିଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ ମାଧ୍ୟମରେ ପ୍ରେରଣ କରିଛନ୍ତି। ଏ ବିଷୟରେ ଅଙ୍ଗନୱାଡି କର୍ମୀ ଝୁନୁରାଣୀ କହିଛନ୍ତି, ୩ ମାସ ପାଇଁ ୩୦ଟି ଦିଆଯାଇଛି ଆଉ ମାସରେ ଆଉ ୧୦ଟି ଦିଆଯିବ। ଛତୁଆ ଯୋଗାଣକାରୀ କହିଛନ୍ତି, ପ୍ରତେକ ମାସରେ ଛତୁଆ ଯୋଗାଣ ଠିକ୍ ସମୟରେ ଠିକ୍ ଭାବେ ହେଉଛି। ସୁପର୍‌ଭାଇଜର ପୂର୍ଣ୍ଣିମା ବେହେରା କହିଛନ୍ତି, ଅଙ୍ଗନୱାଡି କର୍ମୀ ଅଣ୍ଡା କମ୍ ଦେଇଥିବା ସ୍ୱୀକାର କରିଛନ୍ତି, ତାଙ୍କୁ ତାଗିଦ କରାଯାଇଛି। ଆଗକୁ ସେମିତି ହେବ ନାହିଁ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସ୍ୱର୍ଣ୍ଣଲତା ମହାପାତ୍ର କହିଛନ୍ତି, ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ସିଡିପିଓଙ୍କୁ ଅଭିଯୋଗ

